## ସଂକ୍ଷେପରେ

### ପୁଣି ୧୦୦ ଡେଇଁଲା ସଂଖ୍ୟା

**ଅନୁଗୋଳ ଅଫିସ, ୯।୭:** ଅନୁଗୋଳ ଜିଲାରେ କିଛି ଦିନ ହେବ ଦୈନିକ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୦ ତଳେ ରହୁଥିଲା। ହେଲେ ଶୁକ୍ରବାର ଜିଲାରୁ ୧୦୨ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ବଣଁରପାଳ ବ୍ଲକରୁ ୧୯, ଅନୁଗୋଳ ପୌରପାଳିକାରୁ ୧୮, ଛେଣ୍ଡିପଦା ବ୍ଲକରୁ ୧୪, ଅନୁଗୋଳ ବ୍ଲକରୁ ୧୩, ତାଳଚେର ବ୍ଲକରୁ ୧୧, ଆଠମଲ୍ଲିକ ବ୍ଲକରୁ ୧୦, କଣିହାଁ ବ୍ଲକରୁ ୯, ପାଲଲହଡା ବ୍ଲକରୁ ୪, ତାଳଚେର ପୌରାଞ୍ଚଳରୁ ୩ ଓ କିଶୋରନଗର ବ୍ଲକରୁ ଜଣେ ରହିଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୧୪୧ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### ଡେଲି ମାର୍କେଟ୍‌ରେ ନବଜାତ ଶିଶୁ ମୃତଦେହ

**ଅନୁଗୋଳ ଅଫିସ, ୯।୭:** ଅନୁଗୋଳ ଡେଲି ମାର୍କେଟରୁ ଶୁକ୍ରବାର ସକାଳେ ଏକ ନବଜାତ ଶିଶୁର ମୃତଦେହ ମିଳିଛି। ମୃତଦେହ ଉପରେ ଏକ ଅଖା ଘୋଡ଼ାଇ ଦିଆଯାଇଥିଲା। ସଫେଇ କର୍ମଚାରୀମାନେ କାର୍ଯ୍ୟ କରିବାକୁ ଆସିବା ପରେ ଏହା ଦେଖି ଚକିତ ହୋଇଯାଇଥିଲେ। ନବଜାତ ଶିଶୁ ମୃତଦେହ କିଏ ଏଠାରେ ପକାଇଛି ତାହା ସେମାନେ ଜାଣି ନ ପାରି ଅଡୁଆରେ ପଡ଼ିଥିଲେ। ଡାକ୍ତରଖାନାରେ ମୃତ ଶିଶୁକୁ ଏଠାରେ କେହି ପକାଇଛି କିମ୍ବା ଏହା କେଉଁ କୁଆଁରୀ ମା'ର କାର୍ଯ୍ୟ ତାହା ସଫେଇ କର୍ମଚାରୀଙ୍କ ଭିତରେ ଚର୍ଚ୍ଚାର ବିଷୟ ହୋଇଛି। ତେବେ ଘଟଣା ସମ୍ପର୍କରେ ଅନୁଗୋଳ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ସୂଚନା ମିଳିଛି।

### ଷ୍ଟେଟ ବ୍ୟାଙ୍କ ଶାଖା ଗୃହ ଉଦ୍‌ଘାଟିତ



**କଣିହାଁ,୯।୭(ଡି.ଏନ.ଏ.):** କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ ସାଇଟ୍ ହାଟିଆଡଣ୍ଡା ଛକ ନିକଟରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ନୂତନ ଗୃହ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ ଶାଖା ପରିଚାଳକ ଶ୍ରୀ ଅବିନାଶ, ପୂର୍ବତନ ଶାଖା ପରିଚାଳକ ଦେବରଞ୍ଜନ ବାରିକ, କ୍ଷେତ୍ର ପରିଚାଳକ ପଙ୍କଜ ଲୋଚନ ଗୌଡ଼, କ୍ୟାସିୟର ଦିଲୀପ କିଷାନ ପ୍ରମଖ ଉପସ୍ଥିତ ଥିଲେ। ଏହାପୂର୍ବରୁ ଏସ୍‌ବିଆଇ ଶାଖା ପ୍ରକଳ୍ପର ଡ୍ୟାମ୍ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଏକ ସଙ୍କୁଚିତ କୋଠାରେ ଚାଲୁଥିଲା। ଏକାଉଣ୍ଟଧାରୀଙ୍କ ବୃଦ୍ଧି ଓ କାରବାରକୁ ନେଇ ଗ୍ରାହକମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ବହୁ ଦାବି ପରେ ଉକ୍ତ କର୍ତ୍ତୃପକ୍ଷ ନୂଆ ଘର ଭଡ଼ା ନେଇ ସେଠାକୁ କାର୍ଯ୍ୟାଳୟ ସ୍ଥାନାନ୍ତର କରିଛନ୍ତି।

### କୁମ୍ଭୀର ଆକ୍ରମଣରେ ଯୁବକ ଗୁରୁତର

**ବଇଣ୍ଡା,୯।୭(ଡି.ଏନ.ଏ.):** କିଶୋରନଗର ଥାନା କଦଳୀମୁଣ୍ଡା ପଞ୍ଚାୟତ ଗୁଡ଼ିଆବାହାଳ ଗ୍ରାମ ନାଳକୁ ପଶିଆସିଥିବା ଏକ କୁମ୍ଭୀର ଆକ୍ରମଣରେ ଦେବେନ୍ଦ୍ର ନାୟକ ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଗ୍ରାମବାସୀ ଉଦ୍ଧାର କରି ପ୍ରଥମେ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ମେଡିକାଲ ସ୍ଥାନାନ୍ତର କରାଯାଇଛି। ଅପରାହ୍ନରେ ଦେବେନ୍ଦ୍ର ଶୌଚ ପାଇଁ ନାଳକୁ ଯାଉଥିବାବେଳେ କୁମ୍ଭୀର ତାଙ୍କୁ ଆକ୍ରମଣ କରିଥିଲା।

### ଦୋକାନରୁ ତାଲା ଭାଙ୍ଗି ଚୋରି

**କଣିହାଁ,୯।୭(ଡି.ଏନ.ଏ.):** କଣିହାଁ ବ୍ଲକ ସମଲ ଥାନା ସମଲ ଟୋଲଗେଟ ଛକରେ ରାସ୍ତା କଡରେ ଥିବା ୩ଟି ଦୋକାନରୁ ଗୁରୁବାର ବିଳମ୍ବିତ ରାତିରେ ତାଲା ଭାଙ୍ଗି ଚୋରି ହୋଇଛି। ଛକରେ ଥିବା ହରେକୃଷ୍ଣ ସେଠୀ ଓ ସରୋଜ ବାରିକଙ୍କ ଗ୍ରସେରୀ ଦୋକାନ ଓ କ୍ଷେତ୍ରବାସୀ ସାହୁଙ୍କ ଇଲେକ୍ଟ୍ରିକ ସାମଗ୍ରୀ ମରାମତି ଦୋକାନର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ବିଭିନ୍ନ ସାମଗ୍ରୀ ଓ ଅର୍ଥ ଚୋରି କରି ନେଇଛନ୍ତି। ଏ ନେଇ ସମଲ ଥାନାରେ ଅଭିଯୋଗ ପରେ ନଂ. ୧୫୨/୨୧ରେ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି। ଶୁକ୍ରବାର ସାଇଣ୍ଟିଫିକ ଟିମ୍ ଓ ଡଗ୍ ସ୍କ୍ୱାଡ୍‌କୁ ନେଇ ଘଟଣାସ୍ଥଳରେ ପହଞ୍ଚି ପୋଲିସ ତଦନ୍ତ କରିଛି। ସୂଚନାଯୋଗ୍ୟ, ସମଲ ଥାନା ଅଞ୍ଚଳରେ ଦୀର୍ଘଦିନ ହେବ ବିଭିନ୍ନ ଦୋକାନରୁ ଚୋରି ଘଟଣା ଲାଗି ରହିଛି। ଦୁର୍ବୃତ୍ତମାନଙ୍କୁ ଧରିବାରେ ପୋଲିସର ବିଫଳତା ଓ ପାଟ୍ରୋଲିଂ ହେଉ ନ ଥିବାରୁ ଏହା ବଢ଼ି ଚାଲିଥିବା ସାଧାରଣରେ ଅଭିଯୋଗ ହେଉଛି।

# ଶୌଚ ସ୍ଥାନରେ ସାମଗ୍ରୀ

- ଫଳକରେ ଛେଣ୍ଡିପଦାର ଅନେକ ପଞ୍ଚାୟତ ସ୍ୱଚ୍ଛ ଘୋଷଣା
- ବାହାରେ ମଳତ୍ୟାଗ କରୁଛନ୍ତି ୨୫ ପଞ୍ଚାୟତବାସୀ
- ୧୨୦ ଗ୍ରାମର ବହୁ ହିତାଧିକାରୀଙ୍କ ନାହିଁ ପାଇଖାନା

**ଛେଣ୍ଡିପଦା,୯।୭ (ସ୍ୱ.ପ୍ର.)**




ବରସାହି ପଞ୍ଚାୟତର ଗୋଦରାସାହିକୁ ଫଳକରେ ବାହ୍ୟମଳମୁକ୍ତ ଗ୍ରାମ ଘୋଷଣା କରାଯାଇଛି।



ଗୋଦରାସାହିରେ ନିର୍ମାଣ ହୋଇଥିବା ୨ଟି ପାଇଖାନାରେ ଘରକରଣା ସାମଗ୍ରୀ ରଖାଯାଇଛି।

ସ୍ୱଚ୍ଛ ଭାରତ ଯୋଜନାରେ ଗାଁ ଗାଁରେ ନିର୍ମାଣ ହେଉଛି ପାଇଖାନା। ଖୋଲାସ୍ଥାନ ପରିବର୍ତ୍ତେ ଶୌଚାଳୟରେ ଶୌଚ ହେବାକୁ କରାଯାଉଛି ସଚେତନ। ଶତପ୍ରତିଶତ ଲୋକେ ଏହାକୁ ପାଳନ କରିବା ପରେ ପ୍ରଶାସନ ଲଗାଉଛି 'ବାହ୍ୟ ମଳମୁକ୍ତ ଗାଁ' ଫଳକ। ହେଲେ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ବହୁ ଗାଁରେ ଏହି ସରକାରୀ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହୋଇନାହିଁ। କେଉଁ ହିତାଧିକାରୀଙ୍କ ନିକଟରେ ପାଇଖାନା ପହଞ୍ଚି ନାହିଁ ତ ଆଉ କିଏ ଅବ୍ୟବହୃତ ଶୌଚାଳୟରେ ରଖୁଛି ଘରକରଣା ସାମଗ୍ରୀ। ଅର୍ଦ୍ଧାଧିକ ପଞ୍ଚାୟତର ଲୋକେ ଖୋଲାରେ ମଳତ୍ୟାଗ କରୁଥିବା ବେଳେ ପ୍ରଶାସନ ଫଳକରେ କରିଦେଇଛି ସ୍ୱଚ୍ଛ ଘୋଷଣା।

ଛେଣ୍ଡିପଦା ବ୍ଲକରେ ରହିଛି ୩୪ଟି ପଞ୍ଚାୟତ। କୋଇଲା ଖଣି ସମସ୍ୟା ପାଇଁ ୪ଟି ପଞ୍ଚାୟତରେ ସରକାରଙ୍କ ସ୍ୱଚ୍ଛ ଭାରତ ଯୋଜନା କାର୍ଯ୍ୟକାରୀ ହୋଇପାରି ନାହିଁ। ବାକି ୩୦ଟିରେ ନିର୍ମାଣ କରାଯାଇଛି ପାଇଖାନା। ଏପରି କି ୨୫ଟି ପଞ୍ଚାୟତକୁ ଜିଲା ଜଳ ଓ ପରିମଳ ମିଶନ ପକ୍ଷରୁ ସ୍ୱଚ୍ଛ ପଞ୍ଚାୟତ ଭାବେ ଘୋଷଣା କରାଯାଇଛି। କିନ୍ତୁ ବାସ୍ତବରେ ଏସବୁ ପଞ୍ଚାୟତ ଏବେ ବି ଅସ୍ୱଚ୍ଛ ଅବସ୍ଥାରେ ଅଛି। ୧୨୦ଟି ଗ୍ରାମର ବହୁ ହିତାଧିକାରୀ ସ୍ୱଚ୍ଛ ଭାରତ ଯୋଜନାରେ ଉପକୃତ ହୋଇପାରି ନାହାନ୍ତି। ଅନେକ ପାଇଖାନା କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହୋଇଛି। ବିଭାଗର କେତେଜଣ କର୍ମଚାରୀ ଓ ଠିକାଦାରଙ୍କ ସଲାସୁତୁରା ଯୋଗୁ ଏସବୁ ପଞ୍ଚାୟତରେ ଯୋଜନା ଏକପ୍ରକାର ବାଟବଣା ହୋଇଯାଇଛି। ଫଳରେ କେଉଁଠି ନିର୍ମାଣର ଏକ ମାସ ପରେ ପାଇଖାନା କାନ୍ଥ ଗଳି ପଡୁଛି ତ ଆଉ କେଉଁଠି ଏହା ବ୍ୟବହାର ଉପଯୋଗୀ ହୋଇପାରି ନାହିଁ। ସେହିପରି ସଚେତନତା ଅଭାବରୁ ଅନେକ ଲୋକ ଶୌଚାଳୟ ପାଇଥିଲେ ମଧ୍ୟ ବ୍ୟବହାର କରୁନାହାନ୍ତି। ବରସାହି ପଞ୍ଚାୟତ ଆଦିବାସୀ ବହୁଳ ଗୋଦରାସାହିକୁ ସ୍ୱଚ୍ଛ କରିବାକୁ ଶୌଚାଳୟମାନ ନିର୍ମାଣ କରାଯାଇଛି। କିନ୍ତୁ ସେଠାରେ ଶୌଚ ହେବା ପରିବର୍ତ୍ତେ କେତେକ ପରିବାର ଘରକରଣା ସାମଗ୍ରୀ ରଖିଥିବା ଦେଖିବାକୁ ମିଳିଛି। କେବଳ ଏହି ଆଦିବାସୀ ଲୋକ ନୁହନ୍ତି, ୨୫ଟି ପଞ୍ଚାୟତର ଅନେକ ଲୋକ ଏବେ ବି ବାହାରେ ମଳତ୍ୟାଗ କରୁଛନ୍ତି। ହେଲେ ଏ ଦିଗରେ ଲୋକଙ୍କୁ ସଚେତନ ନ କରି ପ୍ରଶାସନ ଗାଁ ମୁଣ୍ଡରେ ସ୍ୱଚ୍ଛ ଫଳକ ଲଗାଇ କାମ ସାରିଦେଉଥିବା ଅଭିଯୋଗ ହେଉଛି।

#### ୬ ମାସ ହେଲା ଅର୍ଦ୍ଧନିର୍ମିତ



"ବାହାଲସାହି ପଞ୍ଚାୟତରେ ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା ନିର୍ମାଣ କରାଯାଇଛି। ହେଲେ ବିଭାଗୀୟ ଅଧିକାରୀଙ୍କ ତଦାରଖ ଅଭାବରୁ ୩୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ମିଳିଥିବା ପାଇଖାନା ୬ ମାସ ହେଲା ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିରହିଛି। ତେଣୁ ଲୋକେ ବାଧ ହୋଇ ଶୌଚ ହେବାକୁ ଖୋଲା ସ୍ଥାନକୁ ଯାଉଛନ୍ତି।

–ଦୁର୍ଗାଚରଣ ମହାପାତ୍ର, ବାହାଲସାହି

#### ଶୌଚାଳୟ ସୁବିଧା ମିଳୁନି



"କୋଇଲା ଖଣି ସମସ୍ୟା ଯୋଗୁ ଶିମିଳିପାଳ ଗ୍ରାମରେ ସରକାରଙ୍କ ସ୍ୱଚ୍ଛ ଭାରତ ଯୋଜନା କାର୍ଯ୍ୟକାରୀ ହୋଇନାହିଁ। ତେଣୁ ଶୌଚାଳୟରେ ଶୌଚ ହେବାର ସୁବିଧା ଗ୍ରାମବାସୀଙ୍କୁ ମିଳିନି। ସେଥିପାଇଁ ସେମାନେ ଏକ କିଲୋମିଟର ଦୂର ବିଲ କିମ୍ବା ଖୋଲା ପଡ଼ିଆକୁ ଯାଉଛନ୍ତି। ସରକାରଙ୍କ ଉପେକ୍ଷା ଦୁଃଖ ଦେଉଛି।

–ମୂଳି ପ୍ରଧାନ, ଶିମିଳିପାଳ

#### ନିର୍ମାଣକାର୍ଯ୍ୟ ନିମ୍ନମାନର



"ଛେଣ୍ଡିପଦା ବ୍ଲକରେ ସ୍ୱଚ୍ଛ ଭାରତ ଯୋଜନା କାର୍ଯ୍ୟକାରିତା ନିମନ୍ତେ ପରିମଳ ବିଭାଗ ପକ୍ଷରୁ ମୋଟିଭେଟର ନିଯୁକ୍ତ କରାଯାଇଛି। କିନ୍ତୁ ସେମାନଙ୍କ ମଧ୍ୟରୁ କେତେଜଣ ନିଜେ ଠିକାଦାର ସାଜି ନିମ୍ନମାନର କାର୍ଯ୍ୟ କରିଛନ୍ତି। ଫଳରେ ଉକ୍ତ ପାଇଖାନାଗୁଡିକ କିଛିଦିନ ପରେ ବ୍ୟବହାର ଯୋଗ୍ୟ ହୋଇପାରୁ ନାହିଁ।

–ସୁଦୀପ କୁମାର ଗଡନାୟକ, ଜିଲା ଭାଜପା ସାଧାରଣ ସମ୍ପାଦକ

#### ଠିକାଦାରଙ୍କୁ ସୁଯୋଗ ମିଳିଯାଉଛି



"ସରକାରୀ ଯୋଜନାରେ ମିଳିଥିବା ପାଇଖାନା କିପରି ନିର୍ମାଣ ହେବ ସେ ନେଇ ଲୋକଙ୍କୁ ସଚେତନ କରାଯାଉ ନାହିଁ। ଫଳରେ ଏହାର ସୁଯୋଗ ନେଉଛନ୍ତି ଠିକାଦାର। ଲୋକେ ଏହାର ତଦାରଖ କରୁ ନ ଥିବାରୁ ସେମାନେ ନିମ୍ନମାନର ନିର୍ମାଣ କରି ସରକାରୀ ଅର୍ଥ ଚଳୁ କରୁଛନ୍ତି। ବିଭାଗ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉ।

–କରୁଣାକର ବିଶ୍ୱାଳ, କାଠପାଳ

#### ସର୍ଭେ ସହ ସଚେତନ କରାଯିବ



"ଯେଉଁ ହିତାଧିକାରୀମାନେ ପାଇଖାନା ପାଇନାହାନ୍ତି, ଆଉଥରେ ସର୍ଭେ କରାଯାଇ ସେମାନଙ୍କୁ ଯୋଜନାରେ ସାମିଲ କରାଯିବ। ସେହିପରି ଶୌଚାଳୟ ପାଇଥିଲେ ମଧ୍ୟ ତାହାକୁ ବ୍ୟବହାର ନ କରି ଖୋଲାରେ ମଳତ୍ୟାଗ କରୁଥିବା ଲୋକଙ୍କୁ ଏ ନେଇ ସଚେତନ କରାଯିବାର ବ୍ୟବସ୍ଥା ହେବ।

–ସଞ୍ଜୟ କୁମାର ଆଚାର୍ଯ୍ୟ, ବିଡିଓ, ଛେଣ୍ଡିପଦା

## ବ୍ଲକ ସମ୍ମୁଖରେ ଗର୍ଜିଲା ଭାଜପା

**ବଇଣ୍ଡା/ ପାଲଲହଡା/ ଛେଣ୍ଡିପଦା ୯।୭ (ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରିତାରେ ବିଜେଡି ସରକାର ଦୁର୍ନୀତି କରିଥିବା ଅଭିଯୋଗ କରି କିଶୋରନଗର ବ୍ଲକ ଭାଜପା ପକ୍ଷରୁ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଭାଜପା ନେତା ଅଲେଖ ପ୍ରଧାନଙ୍କ ନେତୃତ୍ୱରେ ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ପରେଶ ଦେଓ, ଅଜିତ ପ୍ରଧାନ, ବିଶ୍ୱଜିତ୍ ମିଶ୍ର, ଚିତ୍ତରଞ୍ଜନ ମେହେର, ଅର୍ଜୁନ ପାଣ୍ଡେ, ବଂଶୀଧର ସେଠୀ, ପ୍ରବୀଣ ସାହୁ, ରତ୍ନାକର ପ୍ରଧାନ ପ୍ରମୁଖ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ବିଡିଓ ଶ୍ୟାମଳ କୁମାର ରାଏଙ୍କୁ ଏକ ଦାବିପତ୍ର ଦେଇଥିଲେ। ସେହିପରି ପାଲଲହଡା ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତିଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ କରାଯାଇଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ତନ୍ମୟ ସାହୁ, ସୁବୋଧ ପାଣି, ନୃସିଂହ ବରାଳ, ପଞ୍ଚାନନ ସାହୁ, ଧର୍ମେନ୍ଦ୍ର ସାହୁ, ପ୍ରହ୍ଲାଦ ସାମଲ ପ୍ରମୁଖ ବିକ୍ଷୋଭ କରିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଛେଣ୍ଡିପଦା ବ୍ଲକ ଭାଜପା କର୍ମୀ ମାନେ ବ୍ଲକ ଅଫିସ ଘେରାଉ କରିଥିଲେ। ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରାଙ୍କ ନେତୃତ୍ୱରେ ଏହି ବିକ୍ଷୋଭ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ଭାଜପା ଉପସଭାପତି ଚୌଧୁରୀ ପ୍ରଧାନ, ଜିଲା କୃଷକ ମୋର୍ଚ୍ଚା ସଭାପତି ବିଜୟ ମାଝି, ଜୀବନାନନ୍ଦ ସାହୁ, ଜଗନ୍ନାଥ ସାହୁ, ଦୁର୍ଗାଚରଣ ମହାପାତ୍ର ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ।

## ସ୍ଥାୟୀ ନିଯୁକ୍ତି ଦାବିରେ ବିକ୍ଷୋଭ

**ଅନୁଗୋଳ ଅଫିସ, ୯।୭**

ଅନୁଗୋଳ ବିଦ୍ୟୁତ୍ ଡିଭିଜନରେ କାର୍ଯ୍ୟରତ ମିଟର ରିଡର, ବିଲ୍ କଲେକ୍ଟରଙ୍କ ସମେତ ସମସ୍ତ ଶ୍ରମିକ, କର୍ମଚାରୀଙ୍କୁ ଟିପିସିଓଡିଏଲ୍‌ରେ ସ୍ଥାୟୀ ନିଯୁକ୍ତି ଦେବା ଦାବିରେ ଶୁକ୍ରବାର ଅମଲାପଡାସ୍ଥିତ ଟିପିସିଓଡିଏଲ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ଏଆଇୟୁଟିୟୁସି ସହବନ୍ଧିତ ବାବା ଚନ୍ଦେଶ୍ୱର ବିଦ୍ୟୁତ୍ କର୍ମଚାରୀ ସଂଘ ନେତୃତ୍ୱରେ କର୍ମଚାରୀମାନେ ଏହି ବିକ୍ଷୋଭ କରିଥିଲେ। ଏ ନେଇ ଏକ ଦାବିପତ୍ର ଟିପିସିଓଡିଏଲ୍ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଛି। ସ୍ଥାନୀୟ ମୁଖ୍ୟ ଅଧିକାରୀ ବିକ୍ଷୋଭସ୍ଥଳକୁ ଆସି ଦାବି ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସଂଘ କାର୍ଯ୍ୟକାରୀ ସଭାପତି ମାନସ ପାଳ, ସାଧାରଣ ସମ୍ପାଦକ ଦୀପକ ସିଂ, ପ୍ରତାପ ସାହୁ, ସୁକାନ୍ତ ସାହୁ, ରଜତ ମହାନ୍ତି, ଦିଲୀପ ବିଶ୍ୱାଳ, ବାଉରୀବନ୍ଧୁ ବେହେରା, ପ୍ରଫୁଲ୍ଲ ସାହୁ, ରମଣୀରଞ୍ଜନ ବେହେରା, ମନୋଜ ବାରିକ ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ।




ବିଦ୍ୟୁତ୍ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ୨ ବାଇକ୍ ଜବତ, ଜଣେ ଗିରଫ

**ତାଳଚେର,୯।୭(ନି.ପ୍ର.)**

ତାଳଚେର ପୋଲିସ ଶୁକ୍ରବାର ଚଢ଼ାଉ କରି ୨ ଚୋରା ବାଇକ୍ ଜବତ କରିଛି। ଏହି ଘଟଣାରେ ରେମୁଆଁ ନୂଆସାହିରେ ରହୁଥିବା ସୁରଜ ପୃଷ୍ଟିଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ପୋଲିସ କହିଛି, ଗତ ୭ ତାରିଖରେ ବିଚିତ୍ର କୁମାର ଜେନା ଓ ତାଙ୍କ ସହଯୋଗୀ ଏସି ମେଶିନ ଠିକ୍ କରିବା ପାଇଁ ରେମୁଆଁ ନୂଆସାହିର ହିମାଂଶୁ ପଟଗିରିଙ୍କ ଘରକୁ ଯାଇଥିଲେ। ଘର ଆଗରେ ଗାଡ଼ି ଲକ୍ କରି ରଖିଥିଲେ। ଏସି କାମ ସାରି ଫେରିବା ବେଳକୁ ଗାଡ଼ି ଚୋରି ହୋଇଯାଇଥିବା ଦେଖିବାକୁ ପାଇଥିଲେ। ବହୁ ଖୋଜାଖୋଜି କରିବା ପରେ ମଧ୍ୟ ଗାଡ଼ି ନ ମିଳିବାରୁ ବିଚିତ୍ର ତାଳଚେର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୬୯/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପୋଲିସ ଅଭିଯୁକ୍ତ ସୁରଜଙ୍କୁ କାବୁ କରି ପଚରାଉଚରା ପରେ ସେ ୨ ବାଇକ ଚୋରି କରିଥିବା ସ୍ୱୀକାର କରିଥିଲେ।

## ତୈଳଦର ବୃଦ୍ଧିକୁ କଂଗ୍ରେସର ବିରୋଧ



ଜିଲା କଂଗ୍ରେସ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ଜିଲା କାର୍ଯ୍ୟାଳୟ ଅଭିମୁଖେ ଯାଉଛି।

**ଅନୁଗୋଳ ଅଫିସ, ୯।୭**

ତୈଳ ଓ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧିକୁ ଅନୁଗୋଳ ଜିଲା କଂଗ୍ରେସ ପକ୍ଷରୁ ଜୋରଦାର ବିରୋଧ କରାଯାଇଛି। ଏ ନେଇ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କରୋନା ମହାମାରୀ ସମୟରେ ସରକାର ଏପରି ଦର ବୃଦ୍ଧି କରି ଗରିବଙ୍କ ପେଟକୁ ନାତ ମାରୁଥିବା ଜିଲା କଂଗ୍ରେସ ସଭାପତି ବିପ୍ଳବ ଜେନା କହିଛନ୍ତି। ସ୍ଥାନୀୟ ବୁଢୀ ଠାକୁରାଣୀ ମନ୍ଦିରଠାରୁ ଜିଲା କଂଗ୍ରେସ ସଭାପତିଙ୍କ ନେତୃତ୍ୱରେ କର୍ମକର୍ତ୍ତା ଓ କର୍ମୀମାନେ ଶଗଡ ଓ ସାଇକେଲରେ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ଯାଏ ଆସିଥିଲେ। ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ କେନ୍ଦ୍ର ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ଏଥିସହ ରାଜ୍ୟ ସରକାର ଅନୁରୂପ ଭାବେ ଦରବୃଦ୍ଧି ନିୟନ୍ତ୍ରଣ କରିବାରେ କୌଣସି ପଦକ୍ଷେପ ନେଉ ନ ଥିବାରୁ ଉଭୟ ସରକାର ମଧ୍ୟରେ ଥିବା ସମ୍ପର୍କ ପଦାରେ ପଡ଼ିଛି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ ଓବିସି ସେଲ ଅଧ୍ୟକ୍ଷ ଜିତେନ୍ଦ୍ର ସାହୁ, ଆଇନ ସେଲ୍ ଅଧ୍ୟକ୍ଷ ଧର୍ମେନ୍ଦ୍ର ମିଶ୍ର, ମିଡିଆ ସେଲ ଅଧ୍ୟକ୍ଷ ଗୋପାଳ ନାଥ, ରାଜ୍ୟ ଅନୁସୂଚିତ ଜାତି ସେଲ୍ ଆବାହକ ଟିକନ ବେହେରା, ବ୍ଲକ କଂଗ୍ରେସ ସଭାପତି ଅମୂଲ୍ୟ ବେହେରା, ବଣଁରପାଳ ବ୍ଲକ ସଭାପତି ବିନୋଦ କୁମାର ମାଝି, ତାଳଚେର ବ୍ଲକ ସଭାପତି ହାଡିବନ୍ଧୁ ଦେହୁରୀ, ଜିଲା ଯୁବ କଂଗ୍ରେସ ସଭାପତି ଲୁଟୁ ରଞ୍ଜନ ଥାପ୍ପା ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀଜୀଉଙ୍କ ନବଯୌବନ ବେଶ

**ଢେଙ୍କାନାଳ ଅଫିସ, ୯।୭**

ଅନବସର ନୀତି ସମ୍ପନ୍ନ ପରେ ଶୁକ୍ରବାର ଅନୁଷ୍ଠିତ ହୋଇଛି ଶ୍ରୀଜୀଉଙ୍କ ନବଯୌବନ ବେଶ। ହେଲେ ଏହି ଦୁର୍ଲଭ ବେଶ ଦର୍ଶନରୁ ବଞ୍ଚିତ ହୋଇଛନ୍ତି ଶ୍ରଦ୍ଧାଳୁ। ଢେଙ୍କାନାଳର ଶ୍ରୀ ବଳରାମ ମନ୍ଦିର ପରିସରରେ ହାତଗଣତି ସେବାୟତଙ୍କୁ ନେଇ ନୀତିକାନ୍ତି ଯଥାବିଧି ସମ୍ପନ୍ନ ହୋଇଥିଲା। କରୋନା ମହାମାରୀ ଏବଂ ସଂକ୍ରମଣ ବଢୁଥିବାରୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଭକ୍ତଙ୍କ ଲାଗି ମନ୍ଦିର ଦୁଆର ବନ୍ଦ ରହିଥିଲା। ଆସନ୍ତା ୧୨ ତାରିଖରେ ମନ୍ଦିର ବେଢ଼ା ପରିସରରେ ପ୍ରତୀକାତ୍ମକ ଭାବେ ଘୋଷଯାତ୍ରା ଅନୁଷ୍ଠିତ ହେବ ବୋଲି ଦେବୋତ୍ତର ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।





ନବଯୌବନ ବେଶରେ ଦର୍ଶନ ଦେଉଛନ୍ତି ଶ୍ରୀଜୀଉ।

## ଜବରଦଖଲ ଉଚ୍ଛେଦ କଲା ପୌରପାଳିକା

**ଅନୁଗୋଳ ଅଫିସ, ୯।୭**

ଅନୁଗୋଳ ସହରରୁ ଶୁକ୍ରବାର ଜବରଦଖଲ ଉଚ୍ଛେଦ କରାଯାଇଛି। ତେବେ କରୋନା ସମୟରେ ପୌରପାଳିକା ପକ୍ଷରୁ ଏପରି ଉଚ୍ଛେଦ କାର୍ଯ୍ୟକୁ ନେଇ ବ୍ୟବସାୟୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଦୀର୍ଘ ମାସ ଧରି ବେପାର ନ ଥିବାବେଳେ ଏବେ ଦୋକାନ ଖୋଲୁ ଖୋଲୁ ତାହାକୁ ଭାଙ୍ଗିଦେଇ ପୌର ପ୍ରଶାସନ ସେମାନଙ୍କ ପେଟକୁ ନାତ ମାରିଥିବା ବ୍ୟବସାୟୀମାନେ କ୍ଷୋଭର ସହ କହିଛନ୍ତି।

ସଞ୍ଜୀବନୀ ମାର୍କେଟ ଓ ଡେଲି ମାର୍କେଟରୁ ଉଚ୍ଛେଦ ସମ୍ପର୍କରେ ୩ ଦିନ ପୂର୍ବରୁ ପୌରପାଳିକା ପ୍ରଚାର କରିଥିଲା। ଏହାକୁ ବ୍ୟବସାୟୀମାନଙ୍କ ପକ୍ଷରୁ ବିରୋଧ କରାଯାଇଥିଲା। ମହାମାରୀ ସହ ବର୍ଷା ସମୟରେ ଉଚ୍ଛେଦ ସ୍ଥଗିତ ରଖିବା ନେଇ ସେମାନଙ୍କ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ହେଲେ ପୌର କର୍ତ୍ତୃପକ୍ଷ ସକାଳୁ ଉଚ୍ଛେଦ ପାଇଁ ମାଜିଷ୍ଟ୍ରେଟ, ସ୍ପେଶାଲ ସ୍କ୍ୱାଡ୍ ଓ ପୋଲିସ ସହ ବଜାରରେ ପହଞ୍ଚିଯାଇଥିଲେ। ଏହା ଦେଖି ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ବ୍ୟବସାୟୀ ଦୋକାନ ଘର ବଢ଼ାଇବା ପାଇଁ ଦେଇଥିବା ଟିଣ ଓ ଲୁହା ଗ୍ରୀଲ ଖୋଲି ବୋହିବାରେ ଲାଗିଥିଲେ। ସେହିଭଳି ଅନୁଗୋଳ ବସ୍‌ଷ୍ଟାଣ୍ଡରେ ମଧ୍ୟ ୫୦ରୁ ଊର୍ଦ୍ଧ୍ୱ ଦୋକାନୀ ନିଜେ ଜବରଦଖଲ ହଟାଇଥିଲେ। ୧୨ ଜଣ ବ୍ୟବସାୟୀ ପୌର କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ନ କରିବାରୁ ଜେସିବି ଲଗାଯାଇ ସେମାନଙ୍କ ଦୋକାନକୁ ଭଙ୍ଗା ଯାଇଥିଲା। ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ ଓ ଜିଲା ପୋଲିସ ମୁଖ୍ୟାଳୟ ଡିଏସ୍‌ପି ରବି ନାରାୟଣ ଶତପଥୀଙ୍କ ସହ ମାଜିଷ୍ଟ୍ରେଟ୍ ଭାବେ ସହକାରୀ ଜିଲାପାଳ ସୁଶାନ୍ତ ମହାପାତ୍ର, ସ୍ପେଶାଲ ସ୍କ୍ୱାଡ୍ ଅଧିକାରୀ ସହକାରୀ ଜିଲାପାଳ ଦୋଳଗୋବିନ୍ଦ ସାହୁ, ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ, ଅତିରିକ୍ତ ଥାନା ଅଧିକାରୀ ଧୀରେନ୍ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ଜବରଦଖଲ ଉଚ୍ଛେଦ ପୂର୍ବରୁ ସହରରେ ପୋଲିସ ମୁତୟନ କରାଯାଇଛି।

**ବ୍ୟବସାୟୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ**

